# Akashvani, Sambalpur

## SAMBALPURI NEWS EVENING BULLETIN

## 28 july 2026-7.02- 7.12 pm.

---

୧- ସାର୍ବଜୀନନ ପରୀକ୍ଷା ସଂଶୋଧନ୍ ବିଧେୟକ୍-୨୦୨୬ ଉପ୍‌ରେ ଲୋକ୍‌ସଭା ନ ଚାଲିଛେ ଆଲୋଚନା ।

୨- ସବୁଜ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ଆଗ୍‌କେ ଆସ୍‌ବାର୍‌କେ ମୁଖ୍ୟମନ୍ତ୍ରୀଙ୍କର୍ ଆହ୍ୱାନ୍ ।

୩- ସମ୍ବଲ୍‌ପୁର୍ ଜିଲ୍ଲା ନ ସ୍ୱାସ୍ଥ୍ୟ ଭିତିଭୂମି ଆଉ ଜରୁରୀ ସେବା ସନ୍ତୋଷ୍ ଜନକ୍ - ସୂଚ୍‌ନା ଦେଲେ ସ୍ୱାସ୍ଥ୍ୟ ବିଭାଗ୍ ଶାସନ୍ ସଚିବ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଗଭୀର୍ ଅବପାତ୍‌ର ପ୍ରଭାବ୍‌ଥି ରାଏଜେ ଲାଗି ରହିଛେ ବର୍ଷା- ଭିନ୍ ଭିନ୍ ନଦୀ ନ ବଢୁଛେ ଜଲ୍‌ସ୍ତର୍ ।

ସଂସଦ୍         ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ସଭା ନ ଆଏଜ୍ ସାର୍ବଜନୀନ୍ ପରୀକ୍ଷା (ଅସାଧୁ ଉପାୟ ନିବାରଣ୍) ସଂଶୋଧନ୍ ବିଲ୍ ୨୦୨୬ ଉପ୍‌ରେ ଆଲୋଚନା ମୁଲ୍ ହେଇଛେ । ୨୦୨୪ ଆଇନ୍‌କେ ସଂଶୋଧନ୍ କର୍‌ବାର୍ ଲାଗି ଇଥି କେତେଟା ଜରୁରୀ ପ୍ରସ୍ତାବ୍ ରହିଛେ । ଗଲାକାଏଲ୍ ଇ ବିଲ୍ ଗୃହ ନ ଆଗତ୍ ହେଇଥିଲା । କାର୍ମିକ୍, ସାଧାରଣ୍ ଅଭିଯୋଗ୍ ଆଉ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ବିଲ୍ ଉପ୍‌ରେ ଆଲୋଚନା କରିକରି କହିଛନ୍, ଦେଶର୍ ଛାତ୍ର ଆଉ ଯୁବ ବର୍ଗଙ୍କର୍ କଲ୍ୟାଣ୍ ଲାଗି ସର୍‌କାର୍‌ଙ୍କର୍ ଅଙ୍ଗୀକାର୍ ବଦ୍ଧତାକେ ଦର୍ଶଉଛେ । ଭାରତୀୟ ସଂସଦ୍ ଇତିହାସ୍‌ଥି ଇ ବିଲ୍ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ବଲି ମନ୍ତ୍ରୀ ଡକ୍ଟର୍ ସିଂ କହିଛନ୍ । ଇହାଦେ ପ୍ରଶ୍ନପତ୍ର ଘଟ୍‌ନାକେ ନଜର୍‌ଥି ରଖିକରି ଆଇନ୍‌ଗତ ଢାଂଚାକେ ଅଏତ୍‌କା ମଜ୍‌ବୁତ୍ କର୍‌ବାର ଆବଶ୍ୟକତା ରହିଛେ । କଠୋର୍ ଆଇନ୍ ଆନ୍‌ବାର୍ ଲାଗି ଇ ବିଲ୍‌ଥି ସଂଶୋଧନ୍ କରାଯାଇଛେ ବଲି ଡକ୍ଟର୍ ସିଂ କହିଛନ୍ ।

ବିଶ୍ୱ ପ୍ରକୃତି ସଂରକ୍ଷଣ୍ ଦିବସ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରକୃତି ହେଉଛେ ମୁନୁଷ୍ ଜୀବନ୍‌ର ମୁଲ୍ ଆଧାର୍ । ଇତାର୍ ସୁରକ୍ଷା ଆଉ ପରିବେଶ୍ ସନ୍ତୁଲନ୍ ଉପ୍‌ରେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ବିଶ୍ୱ ପ୍ରକୃତି ସଂରକ୍ଷଣ୍ ଦିବସ୍ ପାଲନ୍ କରାଯାଉଛେ । ପାଏନ୍, ପବନ୍, ମାଏଟ୍, ଜଙ୍ଗଲ୍, ପାହାଡ଼୍ ଆଉ ଜୀବଜନ୍ତୁ ମାନ୍‌କର୍ ତାଲ୍‌ମେଲ୍‌ଥି ପରିବେଶ୍ ତିଆର୍ ହେସି । ପ୍ରକୃତି ଆଉ ପ୍ରାକୃତିକ୍ ସମ୍ପଦ୍‌ର ସୁରକ୍ଷା ଲାଗି ଆଝିରର୍ ଦିନ୍ ଖାସ୍ ମହତ୍ୱ ରଖ୍‌ସି । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ପରିବେଶ୍‌ର ସୁରକ୍ଷା ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ମିଶନ୍ ଲାଇଫ୍ ଜରିଏ ପରିବେଶ୍ ଅନୁକୂଳ ଜୀବନ୍ ଶୈଲୀକେ ପ୍ରୋତ୍ସାହନ୍ ଦିଆଯାଉଛେ । ଚଲ୍‌ତି ବଛର୍ ଇ ଦିବସ୍‌ର ବାର୍ତା ରହିଛେ । ପ୍ରକୃତି ସାଙ୍ଗେ ତାଲ୍‌ମେଲ୍ ରଖିକରି ସ୍ଥାୟୀ ଜୀବନ୍‌ଶୈଲୀ ଅପ୍‌ନାବାର୍ ।

ନମାମୀ ଗଙ୍ଗେ, ଗ୍ରୀନ୍ ଇଣ୍ଡିଆ ମିଶନ୍, କାମ୍ପା, ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍, ସ୍ୱଚ୍ଛ ଭାରତ୍ ମିଶନ୍ ଆଉ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ବାଗିର୍ କାର୍ଯ୍ୟକ୍ରମ୍ ପ୍ରକୃତି ସଂରକ୍ଷଣ୍ ଦିଗେ ବହୁତ୍ ବଡ଼ ପଦକ୍ଷେପ୍ । ହେନ୍ତାଳ ବନ ତିଆର୍, ଅଲିଭ୍ ରିଡ୍‌ଲେ କେଛୌଁର୍ ସୁରକ୍ଷା, ଶିମିଲିପାଲ୍ ଆଉ ସାତକୋଶିଆ

ବାଗିର୍ ସଂରକ୍ଷିତ୍ ଅଂଚଲ୍ର ବିକାଶ୍ ସହେତେ ନଏଦ୍ ଖଁଡ଼ି, ସବୁଜ ବଳୟ ତିଆର୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜାରି ରଖିଛନ୍ । ଗଛ୍ ଜଗା, ପାଏନ୍ ସଂରକ୍ଷଣ୍ ଆଉ ଜୈବ ବିବିଧତାର୍ ସୁରକ୍ଷା ଜରିଏ ସବୁଜ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ଆଗ୍କେ ଆସ୍ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍କୁ ଆହ୍ୱାନ୍ ଦେଇଛନ୍ ।

ହର୍ ଘର୍ ତ୍ରିରଙ୍ଗା          ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଆଏବା ମାସର୍ ୯ ତାରିଖିନୁ ୧୭ ତାରିଖିତକ୍ ସାରା ଦେଶେ ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ କରାଯିବା । ଇ ସମିଆଥି ଜାତୀୟ ପତାକା ଉତୋଳନ୍ ଆଉ ପ୍ରଦର୍ଶନ୍ ସହେତେ ସାମୂହିକ୍ ବନ୍ଦେ ମାତରମ୍ ଗାଏବାର୍ ଉପ୍ରେ ଜୋର୍ ଦିଆଯାଇଛେ । ଇଥିର୍ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କୁ ସଂସ୍କୃତି ମନ୍ତ୍ରଣାଳୟ ତର୍ଫୁ ଚିଠି ଲେଖାଯାଇଛେ । ରାଜ୍ୟର୍ ସବୁ ସର୍କାରୀ ବିଭାଗ୍, ଜିଲ୍ଲା ପ୍ରଶାସନ୍, ଶିକ୍ଷାନୁଷ୍ଠାନ୍ ଆଉ ଅଲ୍ଗା ସଂସ୍ଥାର୍ ସକ୍ରିୟ

ଭାଗିଦାରୀ ଉପ୍‌ରେ ଜୋର୍ ଦେବାର୍‌କେ ଚିଠିଥି କୁହାଯାଇଛେ ।

## ହସ୍ତଶିଳ୍ପ ପାଠ୍ୟକ୍ରମ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍ ଅଧୀନ୍‌ଥି ରାଜ୍ୟ କଳା ଆଉ ହସ୍ତଶିଳ୍ପ ବିକାଶ୍ ଅନୁଷ୍ଠାନ୍-ଏସ୍.ଆଇ.ଡି.ଏ.ସି. ତର୍‌ଫୁ ଅତିରିକ୍ତ ୧୫ ଟା ହସ୍ତଶିଳ୍ପ ପାଠ୍ୟକ୍ରମ୍ ପ୍ରସ୍ତୁତି ଆଉ ପ୍ରଶିକ୍ଷଣ୍ ଲାଗି ଗୁଟେ ବୈଠକ୍ ଆଏଜ୍ ହେଇଯାଇଛେ । ବିଭାଗୀୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତଙ୍କର୍ ଉପସ୍ଥିତିଥି କମିଶନର୍ ଆଉ ଶାସନ୍ ସଚିବ ଗୁହା ପୁନମ୍ ତାପସ୍ କୁମାର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବରିଷ୍ଠ ଅଧିକାରୀ, ବିଶ୍ୱବିଦ୍ୟାଳୟ ପତ୍ରିନିଧି ଆଉ ଜାତୀୟ ପୁରସ୍କାର୍ ପାଇଥିବା ଶିଳ୍ପୀମାନେ ଯୋଗ୍ ଦେଇଥିଲେ । ଓଡ଼ିଶାର୍ ପାରମ୍ପରିକ୍ ହସ୍ତଶିଳ୍ପର୍ ସଂରକ୍ଷଣ୍, ଦକ୍ଷ କାରିଗର୍ ବନାବାର୍ ଆଉ ରୋଜ୍‌ଗାର୍ ବଢ଼ାବାର୍ ଉଦ୍ଦେଶ୍ୟଥି ୧୫ ଟା ହସ୍ତଶିଳ୍ପ

ଲାଗି ବଛରକିଆ ୧୫ ଶହ ଘଂଟାର୍ ସୁସଂଗଠିତ୍ ପାଠ୍ୟକ୍ରମ୍ ଆଉ ପ୍ରଶିକ୍ଷଣ୍ ଢାଂଚା ତିଆର୍ କରାଯାଇଛେ ।

ଜ୍ୟୋର୍ତିମୟୀ -ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବଛର୍ ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬ ର ବିଜେତା ଜ୍ୟୋର୍ତିମୟୀ ନାଏକଙ୍କୁ ସମ୍ବର୍ଦ୍ଧିତ୍ କର୍‌ବାର୍ ସହେତେ ତାଙ୍କର୍ ଅସାଧାରଣ୍ କୃତିତ୍ୱ ଲାଗି ୫ ଲାଖ୍ ଟଙ୍କା ପୁରସ୍କାର୍ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍, ଜ୍ୟୋର୍ତିମୟୀ ନିଜର୍ ପ୍ରତିଭା ଆଉ କଠିନ୍ ପରିଶ୍ରମ୍‌ର ବଲେ ଆଏଜ୍ ଜାତୀୟ ସ୍ତର୍ ନ ଜିତିକରି ଓଡ଼ିଶା ଲାଗି ଗୌରବ୍ ଆନିଛନ୍ । ଆଉ ନୂଆଁ ପିଢ଼ିର୍ କଣ୍ଠଶିଳ୍ପୀ ମାନ୍‌କର୍ ଲାଗି ସେ ପ୍ରେରଣା ହେଇଛନ୍ । କେନ୍‌ସର୍ ହସ୍ପିଟାଲ୍ ନ ମ୍ୟୁଜିକ୍ ଥେରାପି ଜରିଏ ରୋଗୀମାନ୍‌କର୍ ସେବା କରୁଥିବାର୍‌ନୁ ତାଙ୍କୁ ଯୁବ ଆଇକନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ୍        ଆଇ.ଆଣ୍ଡ୍.ପି.ଆର୍

ସମ୍ବଲ୍‌ପୁର୍ ଜିଲ୍ଲାର୍ ୨୬ ଟା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ୍ କରିଥିବା ରାଜ୍ୟ ପର୍ଯ୍ୟବେକ୍ଷଣ୍ ଟିମ୍‌ର ରିପୋର୍ଟ ଆଧାର୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତୀ ଏସ୍.ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ନିର୍ଦ୍ଦେଶକ୍ ଡକ୍ଟର୍ ବୃନ୍ଦା ଡି., ଜିଲ୍ଲାପାଲ୍ ସିଦ୍ଧଶ୍ୱର୍ ବଲିରାମ୍ ବୋନ୍ଦର୍, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଯୋଗ୍ ଦେଇଥିଲେ । ଜିଲ୍ଲା ନ ସ୍ୱାସ୍ଥ୍ୟ ଭିତିଭୂମି ଆଉ ଜରୁରୀ ସେବା ସନ୍ତୋଷ୍ ଜନକ୍ ଥିବାର୍ ବେଲେ ଜହ ବିପଦ୍ ଆଶଙ୍କା ଥିବାର୍ ଗର୍ଭବତୀଙ୍କର୍ ନିୟମିତ୍ ଅନୁଧ୍ୟାନ୍, ସଂକ୍ରମଣ୍ ପ୍ରତିରୋଧ୍, ଉଷୋ ମିଲ୍‌ବାର୍‌ଟା, ଯନ୍ତ୍ରପାତିର୍ ଦେଖ୍‌ରେଖ୍ ଆଉ ପ୍ରଶିକ୍ଷଣ୍‌ର ଭୂଲ୍ ସୁଧାର୍ ଲାଗି ଜୋର୍ ଦିଆଯାଇଛେ । ସ୍ୱାସ୍ଥ୍ୟସେବା ଆଉ ରୋଗୀ ସୁରକ୍ଷାକେ ବର୍‌କସ୍ କର୍‌ବାର୍ ଲାଗି ୩୦ -୬୦ - ୯୦ ଦିନିଆ

କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ହେପାଟାଇଟିସ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ହେପାଟାଇଟିସ୍ ଦିବସ୍ । ଯକୃତ ରୋଗ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୨୦୧୦ ମସିହାନୁ ବିଶ୍ୱ ହେପାଟାଇଟିସ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଶ୍ୱ ହେପାଟାଇଟିସ୍ ଦିବସ୍‌ର ବାର୍ତା ହେଲା 'ଆସୁନ୍ ସଭେ ମିଶିକରି ଇତାକେ ପ୍ରତିହତ୍ କର୍‌ମା' । ହେପାଟାଇଟିସ୍ ଆଉ ଯକୃତ କର୍କଟ ରୋଗର୍ ନିରାକରଣ୍ ଦିଗେ ରହିଥିବା ଆର୍ଥିକ୍, ସାମାଜିକ୍ ଆଉ ବ୍ୟବସ୍ଥାଗତ ବାଧାକେ ଦୂର୍ କର୍‌ବାର୍ ଲାଗି ଇ ବଛ୍‌ରର୍ ବାର୍ତାଥି ଆହ୍ୱାନ୍ ଦିଆଯାଇଛେ ।

ଛୁଆ ଜନମ୍ ହେବାର୍ ୨୪ ଘଂଟା ଭିତ୍‌ରେ ହେପାଟାଇଟିସ୍ ପ୍ରତିଷେଧକ୍ ଟୀକା ନିଶ୍ଚିତ୍ ଭାବେ ଦେବାର୍ କଥା । ଇଟା ସବୁ ସର୍‌କାରୀ ଡାକ୍ତର୍‌ଖାନାମାନ୍‌କେ ମାହାଲିଆ ମିଳିପାରୁଛେ । ହେପାଟାଇଟିସ୍ ରୋଗ୍ ବାବ୍‌ଦେ କଟକ୍ ଏସ୍‌ସିବି ମେଡ଼ିକାଲ୍

କଲେଜ୍‌ର ପ୍ରଫେସର୍ ଡାକ୍ତର୍ ଜୟନ୍ତ ପଣ୍ଡା ଆକାଶ୍‌ବାଣୀକେ କହିଛନ୍,

(ଭଏସ୍ ଓଭର୍- ଜୟନ୍ତ ପଣ୍ଡା)

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଝିର୍ ଦିଗେ ଗୁଟେ ସୁସ୍ଥ ହେପାଟାଇଟିସ୍ ମୁକ୍ତ ଓଡ଼ିଶା ଗଠନ୍ ଲାଗି ପ୍ରତିବଦ୍ଧତା ଦୋହର୍‌ବାର୍ ଲାଗି କହିଛନ୍ । ପ୍ରାରମ୍ଭିକ୍ ପରୀକ୍ଷା, ସମିଆ ଜାନି ଚିକିତ୍ସା, ଟୀକାକରଣ୍ ଆଉ ସମାନତା ଜରିଏ ଇ ରୋଗ୍‌କେ ଅଟ୍‌କାଯାଇପାର୍‌ବା ବଲି ଶ୍ରୀ ମାଝୀ କହିଛନ୍ । ସଚେତନ୍ ହେଇକରି ଇ ରୋଗ୍‌କେ ପ୍ରତିହତ୍ କର୍‌ବାର୍ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ପରାମର୍ଶ ଦେଇଛନ୍ ।

ଏସ୍‌ଆଇଆର୍ -୨୦୨୬-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟର୍ ବରିଷ୍ଠ ଅଧିକାରୀ ଶାଶ୍ୱତ୍ ପ୍ରଧାନ୍ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଏସ୍‌ଆଇଆର୍ - ୨୦୨୬ ଥି ଚାଲିଥିବା ଦାବି ଆଉ ଆପତି ଗ୍ରହଣ୍ ଆଉ ଶୁଣାଣି ପ୍ରକ୍ରିୟାର୍ ତଦାରଖ୍ ଆଉ ସମୀକ୍ଷା କରିଛନ୍ । ଇ

ଅବ୍‌ସରେ ସେ ଭିନ୍ ଭିନ୍ ବୁଥ୍‌କେ ଯାଇକରି ସେଠାନେ ଚାଲିଥିବା ଦାବି ଆଉ ଆପତି ଶୁଣାଣିର୍ ତଦାରଖ୍ କର୍‌ବାର୍ ସହେତେ ସେଠାନେ ଉପସ୍ଥିତ୍ ଥିବାର୍ ଏ.ଇ.ଆର୍.ଓ ଆଉ ଭୋଟର୍ ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ମେରା ଯୁବା ଭାରତ୍      ବର୍‌ଗଡ୍/ ବୌଦ୍ଧ

କେନ୍ଦ୍ର କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ମେରା ଯୁବା ଭାରତ୍ ବର୍‌ଗଡ୍ ଶାଖା ଆଉ ପାର୍ବତୀ ଗିରି ମହାବିଦ୍ୟାଳୟର୍ ଜାତୀୟ ସେବା ଯୋଜ୍‌ନା ଏନ୍.ଏସ୍.ଏସ୍.ର ମିଳିତ୍ ଚେଷ୍ଟାଥି ନିଶାମୁକ୍ତ ଯୁବା କାର୍ଯ୍ୟକ୍ରମ୍ ହେଇଯାଇଛେ । ମହାବିଦ୍ୟାଳୟ ପରିସର୍ ନ ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦଙ୍କର୍ ସଭାପତିତ୍ୱଥି ହେଇଥିବା ସଭାଥି ବର୍‌ଗଡ୍ ସାଂସଦ ପ୍ରଦୀପ୍ ପୁରୋହିତ୍‌ଙ୍କର୍ ପ୍ରତିନିଧି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନିଶାମୁକ୍ତ ଭାରତ୍ ଗଠନ୍‌ଥି ଯୁଆନ୍ ପିଲାଟୁକେଲ୍ ମାନ୍‌କର୍ ଭୂମିକା ବାବ୍‌ଦେ କହିଥିଲେ ।

ମାଇ ଭାରତ୍ ବୌଦ୍ଧ ଶାଖା ତର୍ଫ଼ୁ କଂଟାମାଲ୍ ଠାନେ ନିଶାମୁକ୍ତ ଭାରତ୍ ଗଠନଥି ଯୁବଶକ୍ତି ଭୂମିକା ବାବ୍‌ଦେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥିମାନେ ନିଶାମୁକ୍ତ ଭାରତ୍ ଗଠନ୍ ଦିଗେ ସର୍‌କାର୍‌ଙ୍କର୍ ତର୍ଫ଼ୁ ହେଉଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା କରିଥିଲେ ।

ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ଠାନେ ଚାଲିଥିବା ରାଜ୍ୟ ଗୋଷ୍ଠୀ କ୍ରୀଡ଼ାଥି ସଫଳତା ଲାଗି ଭାରତୀୟ ଖେଲାଲିମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ମହିଳା ସଟ୍‌ପୁଟ୍ ଏଫ୍-୫୭ ବର୍ଗଥି ଭାରତୀୟ ପାରା ଆଥ୍‌ଲେଟ୍ ସର୍ମିଲା ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ । ପୁରୁଷ ହାଇଜମ୍ପ୍‌ଥି ସର୍ବେଶ କୁଶାରେ ଙ୍କୁ ରୌପ୍ୟ ପଦକ୍ ଆଉ ୭୯ କେଜି ପୁରୁଷ ବର୍ଗଥି ଭାରଉତୋଲନ୍‌କାରୀ ଭଲ୍ଲୁର ଅଜୟଙ୍କୁ ଭିଲ୍ ରୌପ୍ୟ ପଦକ୍ ମିଲିଛେ । ସେନ୍ତା ୫୮

କେଜି ବର୍ଗଥି ବିନ୍ଦିଆ ରାଣୀ ଦେବୀ କାଂସ୍ୟ ପଦକ୍ ହାସଲ୍ କରିକରି ଦେଶ୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ପଶ୍ଚିମବଙ୍ଗ ଓଡ଼ିଶା କେ ଲାଗି କରିଥିବା ଇଲାକା ନ ସକ୍ରିୟ ଥିବା ଗଭୀର ଅବପାତର ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଅବପାତ୍ ଇହାଦେ ପଶ୍ଚିମ ଉତର୍ ପଶ୍ଚିମ୍ ଦିଗ୍‌କେ ଗତି କରୁଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ଯିବାର୍‌କେ ମନା କରାଯାଇଛେ । ଜିଲ୍ଲା ପ୍ରଶାସନ୍ ମାନ୍‌କୁ ୨୪ ଘଂଟା ସତର୍କ ରହେବାର୍ ସହେତେ ଉଦ୍ଧାର୍ ଆଉ ରିଲିଫ୍ କାମ୍ ପ୍ରସ୍ତୁତ୍ ରଖିବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍

ତରଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସେଆଡ଼େ ଜବର୍ ବର୍ଷା ଲାଗି ରହେବାର୍‌ନୁ ସମ୍ବଲ୍‌ପୁର୍ ସହେତେ ୫ ଟା ଜିଲ୍ଲା ନ ଆଏଜ୍ ସବୁ ସର୍‌କାରୀ ଆଉ ବେସର୍‌କାରୀ ସ୍କୁଲ୍‌କେ ଛୁଟି କରାଯାଇଥିଲା । ଜବର୍ ବର୍ଷା ଲାଗି ଉତର୍ ଓଡ଼ିଶାର୍ ଭିନ୍ ଭିନ୍ ନଦୀ ନ ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ ।